# ପିଲାମାନଙ୍କ ପାଇଁ ବାଇବଲ

ଉପହାର

# ଅପବ୍ୟୟୀ ପୁତ୍ର




ଲେଖକ: Edward Hughes

ଦୃଷ୍ଟାନ୍ତ: Lazarus

ଅନୁବାଦକ: Prasanta Bhuyan

ଉପଯୋଜକ: Ruth Klassen; Sarah S.


କାହାଣି ୬୦ ରୁ ୪୫


**www.M1914.org**

***Bible for Children,*** *PO Box 3, Winnipeg, MB R3C 2G1 Canada*



ଅନୁମତି ସୂତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯ୍ୟନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।


ଓଡ଼ିଆ

Oriya



ଯୀଶୁ ଲୋକମାନଙ୍କୁ ସଦାପ୍ରଭୁଙ୍କ କ୍ଷମା ବିଷୟରେ କହିବାକୁ ଭଲପାଉଥିଲେ । କିନ୍ତୁ ଯିହୁଦୀ ଧର୍ମଗୁରୁମାନେ ତାଙ୍କର ପାପିମାନଙ୍କ ସହିତ ବନ୍ଧୁତ୍ୱ ବିଷୟରେ ଅନୁଯୋଗ କଲେ ।





ତେଣୁ ଯୀଶୁ ସେମାନଙ୍କୁ ତିନୋଟି କାହାଣି ଦ୍ୱାରା କହିବାକୁ ଚାହିଁଲେ, ସଦାପ୍ରଭୁ ଖୁସି ଅଟନ୍ତି ଯେତେବେଳେ ପାପିମାନେ ନିଜ ପାପରୁ ମନ ଫେରାନ୍ତି ।


ପ୍ରଥମ କାହାଣି ଜଣେ
ଲୋକଙ୍କ ବିଷୟରେ
ଥିଲା ଯାହାର ଶହେ
ମାଣ୍ଢା ଥିଲା । ସେମାନଙ୍କ
ମଧ୍ୟରୁ ଗୋଟିଏ
ହଜିଗଲା ।
3


ସଂଙ୍ଗେ ସଂଙ୍ଗେ ସେହି
ମେଷପାଳକ ଅନେଶ୍ୱତ
ମାଣ୍ଢାକୁ ପ୍ରାନ୍ତରରେ ଛାଡ଼ି
ହଜିଲା ମାଣ୍ଢାକୁ
ଖୋଜିବାକୁ ଗଲେ ।
4


ମେଷପାଳକ ତାହାକୁ ପାଇଲା ପର୍ଯ୍ୟନ୍ତ
ଖୋଜିଲେ । ପୁଣି ସେ ତାହାକୁ ପାଇଲେ
ନିଜ କାନ୍ଧରେ ବସାଇ ଆନନ୍ଦରେ ନିଜ
ଗୃହକୁ ବାହୁଡ଼ିଗଲେ । ସେ ନିଜର
ବନ୍ଧୁମାନଙ୍କୁ କହିଲା, ମୋ ସଂଙ୍ଗେ
ଆନନ୍ଦକର, କାରଣ ମୁଁ ମୋହର
ହଜିଲା ମେଣ୍ଢା ଫେରି ପାଇଲି ।
5


ଯୀଶୁ ସେମାନଙ୍କୁ ବର୍ଣ୍ଣନା କରି
କହିଲେ, ଯେତେବେଳେ ଜଣେ
ପାପି ମନ ଫେରାନ୍ତି ତେବେ
ସ୍ୱର୍ଗରେ ମହାଆନନ୍ଦ ହୁଏ ।
ମନ ଫେରାଇବାର ଅର୍ଥ
ହେଉଛି ନିଜର ପାପ
ନିମନ୍ତେ ପଶ୍ଚାତାପ କରି
ପାପ କରିବାରୁ
କ୍ଷାନ୍ତ ହେବା ।
6


ଯୀଶୁଙ୍କ ପରବର୍ତ୍ତୀ କାହାଣିଟି
ଏକ ସ୍ତ୍ରୀ ଙ୍କ ବିଷୟେରେ ଯାହା
ପାଖରେ ଦଶଟି ରୌପ୍ୟମୁଦ୍ରା
ଥିଲା, ହୋଇପାରେ ଏହା
ତାହାର ସାରା ଜୀବନର ସଂଚିତ
ପୁଞ୍ଜି ଅଟେ । ଏକ ଭୟଙ୍କର
ସମସ୍ୟା ହେଲା । ସେ ଗୋଟିଏ
ମୁଦ୍ରା ହଜାଇଲା ।
7


ଝାଡ଼ୁକଲା, ଝାଡ଼ୁକଲା, ଝାଡ଼ୁକଲା ସେହି ସ୍ତ୍ରୀ ନିଜ ଘରର
ସମସ୍ତ କୋଣରେ ଝାଡ଼ୁକରି ତାହା ଖୋଜିଲା ।
ପରିଶେଷରେ ସେ ହଜିଲା ମୁଦ୍ରା ଖୋଜି ପାଇଲା ।
8

ସେ ମହାଆନନ୍ଦ କଲା । ତୁମେ କହିପାର କି ସେ କଅଣ କଲା?
ହଁ, ସେ ନିଜର ବନ୍ଧୁମାନଙ୍କୁ ସେହି ବିଷୟରେ କହିଲା ।







ପୁନର୍ବାର ଯୀଶୁ କହିଲେ,
ଜଗତରେ ଯଦି ଜଣେ
ପାପି ମନ ଫେରାନ୍ତି
ତେବେ ଦୂତମାନେ ସୁଧା
ସଦାପ୍ରଭୁଙ୍କ ସମ୍ମୁଖରେ
ଆନନ୍ଦ କରନ୍ତି ।

ଯୀଶୁଙ୍କ ତୃତୀୟ କାହାଣି ସବୁଠାରୁ ଦୁଃଖଦପୂର୍ଣ୍ଣ ଥିଲା ।
ଏହି କାହାଣି ମଧ୍ୟରେ ଜଣେ ପୁତ୍ର ନିଜ ପିତାଙ୍କ
ନିକଟରୁ ତାଙ୍କ ଗୃହ ପରିତ୍ୟଗ କରିବା ବିଷୟ
ଏଠାରେ ବର୍ଣ୍ଣନା କରାଯାଏ ।




ଦୂର ଦେଶରେ ସେହି ଯୁବକ ନିଜର ସମସ୍ତ ଧନ ମୂର୍ଖତାରେ ବ୍ୟୟ କଲେ । ବର୍ତ୍ତମାନ୍ ସେ କଅଣ କରିବେ, ସେହି ସମୟରେ ସେହି ଦେଶରେ ମହାଦୁର୍ଭିକ୍ଷ ହେଲା ଓ ତାଙ୍କ ଅବସ୍ଥା ଶୋଚ଼ନୀୟ ହୋଇଗଲା । ସେହି ଯୁବକ ଭୋକରେ ମରିପାରନ୍ତି ।




ସେ ଭୋକରେ ନିଶ୍ଵେଷ ହୋଇଗଲେ,  ସେହି ଯୁବକ ଘୁଷୁରିମାନଙ୍କୁ ଖୁଆଇବା ଚ଼ାକିରି ପାଇଲେ । ମାତ୍ର କେହି ତହାଙ୍କୁ ଖାଦ୍ୟ ଦେଲେ ନାହିଁ । ସେ ଖୁସିରେ ଘୁଷୁରିମାନଙ୍କର ଖାଦ୍ୟ ଖାଇଥାନ୍ତେ । ହୋଇପାରେ ସେ ଖାଇଲେ ମଧ୍ୟ, ପରିଶେଷରେ, ସେ ଚ଼େତା ପାଇଲା ଓ ସେ ଭାବିଲା ନିଜ ପାତାଙ୍କ ଗୃହରେ, ଚ଼ାକରମାନେ ମଧ୍ୟ ଭଲରେ ଖାଆନ୍ତି ।







ମୁଁ ମୋର ପିତାଙ୍କ ଗୃହକୁ
ଫେରିଯିବି ଓ ପିତାଙ୍କୁ କହିବି,
ମୋହର ସମସ୍ତ ପାପ ନିମନ୍ତେ
ଦୁଃଖିତ ଅଟେ । ମୁଁ ତମ୍ଭର ପୁତ୍ର
ହେବାକୁ ଯୋଗ୍ୟ ନୁହେଁ । ବିଶ୍ଵାସ
କରେ ସେ ମୋତେ ନିଜର ଚ଼ାକର
ଭାବରେ ଗ୍ରହଣ କରିବେ ।

କିନ୍ତୁ ସେ ଦୂରରେ ଥାଉଁ ଥାଉଁ ତାହାର ପିତା ତାହାକୁ ଦେଖି ଦୟାରେ ବିଗଳିତ ହେଲେ ଓ ଦୌଡ଼ିଯାଇ ତାଙ୍କର ଫେରନ୍ତା ପୁତ୍ରଙ୍କୁ ଆଲିଙ୍ଗନ କରି ଅତି ସ୍ନେହରେ ଚୁମ୍ବନ ଦେଲେ ।



15



ସେ ପିତାଙ୍କୁ କହିଲା ପିତା ମୁଁ ପାପ କଲି । ମୁଁ ତୁମ୍ଭର ପୁତ୍ର ହେବାର ମୋର ଯୋଗ୍ୟନାହିଁ । ସେହି ଯୁବକ ନିଜ ଘରେ ମୋତେ ଏକ ଚାକର ଭାବରେ ରଖ ବୋଲି ପିତାଙ୍କୁ କହିବାକୁ ଯାଉଥିଲେ ।

16



କିନ୍ତୁ ପିତା କହିବାକୁ ଦେଲେନାହିଁ । ସବୁଠାରୁ ଭଲଲୁଗା ଚପ୍ପଲ ଘେନିଆସି ଏହାକୁ ପିନ୍ଧାଅ, ଏହାର ପାଦରେ ପାଦୁକା ଓ ମୋହର ପୁତ୍ରଙ୍କ ହାତରେ ମୁଦି ପିନ୍ଧାଅ ଏବଂ ଏକ ମହା ଭୋଜର ଆୟୋଜନ କର ।

17

ସେଠାରେ ଏକ ଅଦ୍ଭୁତ ଧରଣର ଭୋଜ ଥିଲା କାରଣ ପୁତ୍ର ଯେ ହଜିଯାଇଥିଲା ମିଳିଲା । ଯୀଶୁ ଏହି କାହାଣି କହିଥିଲେ କାରଣ ଏହା ସଦାପ୍ରଭୁଙ୍କ ପ୍ରେମ ଯାହାକି ପାପିମାନଙ୍କୁ ଗ୍ରହଣ କରେ, ଯେଉଁମାନେ ନିଜ ପାପରୁ ଫେରି ମନ ଫେରାଇ ତାଙ୍କ ନିକଟକୁ ଆସନ୍ତି ।



18

ଅପବ୍ୟୟୀ ପୁତ୍ର

**ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ**

**ରୁ ଅନୁସନ୍ଧାନ କରାଯାଇଅଛି**

ଲୂକ ୧୫

**"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"**
**ଗୀତସଂହିତା ୧୧୯ : ୧୩୦**

**ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଆଉ ତାହାକୁ ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ ।**

**ଇଶ୍ୱର ଆମ୍ଭମାନଙ୍କୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ର ଯୀଶୁଙ୍କୁ ଆମ୍ଭମାନଙ୍କର ପାପ ସକାଶୁ କ୍ରୁଶ ଉପରେ ମୃତ୍ୟୁବରଣ କରିବାକୁ ପଠାଇଲେ । ଯୀଶୁ ପୁନର୍ବାର ଜୀବନ କୁ ଫେରିଲେ, ଆଉ ସେ ସ୍ୱର୍ଗ ଆରୋହନ କଲେ ବର୍ତ୍ତମାନ୍ ଅନନ୍ତର ପରମେଶ୍ୱର ଆମ୍ଭମାନଙ୍କର ପାପକ୍ଷମା କରି ପାରିବେ ।**

**ଯଦି ତୁମ୍ଭେ ତୁମ୍ଭ ପାପରୁ ଫେରିବାକୁ ଚାହଁ, ତେବେ ଏହା ଇଶ୍ୱରଙ୍କୁ କୁହନ୍ତୁ: ପ୍ରିୟର ଇଶ୍ୱର ମୁ ବିଶ୍ୱାସ କରେ ଯୀଶୁଖ୍ରୀଷ୍ଟ ମୋ ନିମନ୍ତେ ମୃତ୍ୟୁଭୋଗ କଲେ, ବର୍ତ୍ତମାନ ସେ ଜୀବିତ ଅଟନ୍ତି । ଦୟାକରି ମୋର ପାପସବୁ କ୍ଷମା କର ଏବଂ ମୋ ଜୀବନକୁ ଆସ, ତଦ୍ୱାରା ବର୍ତ୍ତମାନ୍ ଠାରୁ ମୁଁ ଏକ ନୂତନ ଜୀବନ ପ୍ରାପ୍ତ ହୋଇ ତୁମ୍ଭଠାରେ ଚିରକାଳ ସ୍ଥାୟୀ ହେବି । ତୁମ୍ଭର ସନ୍ତାନ ହୋଇ ତୁମ୍ଭଠାରେ ବାସକରିବା ପାଇଁ ମୋତେ ସାହାଯ୍ୟ କରନ୍ତୁ । ଆମେନ୍ (ଯୋହନ ୩:୧୬)**

**ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।**